# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 30 September – 2026

************************************

## ମୁଖ୍ୟ ସମ୍ବାଦ

- ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ ମହାନଦୀ ଜଳବିବାଦ ସମାଧାନ ବୈଠକ

-ଯୋଗଦେବେ ଓଡିଶା ଏବଂ ଛତିଶଗଡ ମୁଖ୍ୟମନ୍ତ୍ରୀ

- କେନ୍ଦ୍ର କ୍ୟାବିନେଟରେ ୨୦୨୭-୨୮ ବିପଣନ ଋତୁ ପାଇଁ ନିର୍ଦ୍ଧାରିତ ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧିକୁ ମଞ୍ଜୁରୀ ।

- ଯୁବବର୍ଗଙ୍କ ପାଇଁ ଆରମ୍ଭ ହେଲା ଓଡିଶା ସେବା ନବସୃଜନ ଆହ୍ୱାନ କାର୍ଯ୍ୟକ୍ରମ

ଏବଂ

- ଉତ୍ତର ଆଣ୍ଡାମାନ ସାଗରରେ ସୃଷ୍ଟ ଗଭୀର ଅବପାତ ଦୁର୍ବଳ ହୋଇ ଅବପାତରେ ପରିଣତ

## ମହାନଦୀ ଜଳବିବାଦ ବୈଠକ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତଶାହାଙ୍କ ଅଧ୍ୟକ୍ଷତାରେ ଆସନ୍ତକାଲି ନୂଆଦିଲ୍ଲୀରେ ମହାନଦୀ ଜଳବିବାଦ ସମାଧାର ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଏଥିରେ ଓଡିଶା ଓ ଛତିଶଗଡର ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ । ବୈଠକର ନିର୍ଯ୍ୟାସ ନେଇ ଉଭୟ ରାଜ୍ୟ ସକରାତ୍ମକ ରହିଛନ୍ତି । ଖୁବ୍ ଶୀଘ୍ର ବିବାଦର ସମାଧାନ ହେବ ବୋଲି ଶ୍ରୀ ପୂଜାରୀ କହିଛନ୍ତି ।

**- V/O –**

## ରବିଫସଲ-କ୍ୟାବିନେଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ  କ୍ୟାବିନେଟ ବୈଠକରେ  ୨୦୨୭-୨୮ ବିପଣନ ଋତୁ ପାଇଁ ସମସ୍ତ ନିର୍ଦ୍ଧାରିତ ରବି ଫସଲର ସହାୟକ ମୂଲ୍ୟ ବୃଦ୍ଧିକୁ ଅନୁମୋଦନ ମିଳିଛି । ଚାଷୀମାନଙ୍କୁ ସେମାନଙ୍କର ଉତ୍ପାଦିତ ଫସଲର ଉପଯୁକ୍ତ  ମୂଲ୍ୟ ପ୍ରଦାନ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ରବି ଫସଲର ସହାୟକ ମୂଲ୍ୟକୁ ବୃଦ୍ଧି କରିଛନ୍ତି । କୁସୁମ ପାଇଁ ସର୍ବାଧିକ ସହାୟକ ମୂଲ୍ୟ ଘୋଷଣା କରାଯାଇଥିବା କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି

**- V/O -**

ସେହିପରି ସୋରିଷର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୪୧୩ଟଙ୍କାକୁ ବୃଦ୍ଧି କରାଯାଇଛି । ମସୁର ଡାଲି, ଯଅ, ଚଣା ଏବଂ ଗହମ ପାଇଁ  ଯଥାକ୍ରମେ କ୍ୱିଣ୍ଟାଲ ପିଛା ୩୯୦ ଟଙ୍କା, ୧୩୬ଟଙ୍କା, ୮୩ଟଙ୍କା

ଏବଂ ୨୫ଟଙ୍କା ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି । ସର୍ବଭାରତୀୟ ସ୍ତରରେ ଲାଗୁ ହୋଇଥିବା ହାରାହାରି ଉତ୍ପାଦନ ଖର୍ଚ୍ଚର ଅତି କମ୍‌ରେ ୧ଦଶମିକ ୫ଗୁଣ ସର୍ବାଧିକ ସହାୟକ ମୂଲ୍ୟ ଧାର୍ଯ୍ୟ କରିବାକୁ ୨୦୧୮-୧୯ କେନ୍ଦ୍ର ବଜେଟ୍‌ରେ ଘୋଷଣା କରାଯାଇଥିଲା । ତଦନୁଯାୟୀ ୨୦୨୬-୨୭ ବିପଣନ ଋତୁ ପାଇଁ ରବି ଫସଲର ସର୍ବାଧିକ ମୂଲ୍ୟରେ ବୃଦ୍ଧି କରାଯାଇଛି ।

## ରାଜ୍ୟସ୍ତରୀୟ ହାକାଥନ

ଭୁବନେଶ୍ୱରଠାରେ ଓଡିଆ ପ୍ରେନ୍ୟୁର ୩ ପଏଣ୍ଟ ଜିରୋ  ରାଜ୍ୟସ୍ତରୀୟ ହାକାଥନ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ରାଜ୍ୟର ୧୦୧ଟି ବିଦ୍ୟାଳୟର ୧୯୨ଜଣ ଛାତ୍ରଛାତ୍ରୀ ନିଜର ଅଭିନବ ଚିନ୍ତାଧାରା ଓ ସମାଧାନ ଉପସ୍ଥାପନା କରୁଛନ୍ତି । ନିଜ ଅଞ୍ଚଳର ସମସ୍ୟାକୁ ଚିହ୍ନଟ କରି ନୂତନ ଚିନ୍ତାଧାରା ଓ ପ୍ରଯୁକ୍ତିର ସହାୟତାରେ ସମାଧାନ ଖୋଜିବା ପାଇଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଏହି ହାକାଥନ ସହାୟକ ହେଉଛି । ଉଚ୍ଚମାଧ୍ୟମିକ ସ୍ତରରେ ସୃଜନଶୀଳତା, ନୂଆ କିଛି କରିବାର ଆଗ୍ରହ, ସମସ୍ୟା ସମାଧାନର ଦକ୍ଷତା ଓ ଉଦ୍ୟୋଗୀ ମନୋଭାବ ବିକାଶ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ ।

## ବନ୍ୟପ୍ରାଣୀ ସପ୍ତାହ

କେନ୍ଦୁଝର ଜିଲ୍ଲା ବନଖଣ୍ଡ ଆନୁକୂଲ୍ୟରେ ଆଜି ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ 'ମାନବ-ହାତୀ' ସହବାସ୍ଥାନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଯୋଗଦେଇ ହାତୀ ସୁରକ୍ଷା ସହିତ ମଣିଷ ଓ ହାତୀଙ୍କ ମଧ୍ୟରେ ସୁସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଶିବିରରେ ହାତୀ ଆକ୍ରମଣ ସମୟରେ ନିୟନ୍ତ୍ରଣ କକ୍ଷକୁ ଖବର ଦେବା, ରାତିରେ ଟର୍ଚ୍ଚ ବ୍ୟବହାର କରିବା, ହାତୀଙ୍କୁ ନ ଘଉଡାଇବା ସହିତ ହାତୀ ଚଲା ରାସ୍ତାରେ ବିଦ୍ୟୁତ ତାର ସଂଯୋଗ ନ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା ।

Desk

## କ୍ୟାମ୍ପ କୋର୍ଟ

ଜନସାଧାରଣଙ୍କ ନିକଟରେ ନ୍ୟାୟ ପହଁଞ୍ଚାଇବା ସହ ସେମାନଙ୍କ ମଧ୍ୟରେ ମାନବଅଧିକାରର ପ୍ରଚାର ଓ ସୁରକ୍ଷାକୁ ନିଶ୍ଚିତ କରିବା ଲକ୍ଷ୍ୟରେ ସୁନ୍ଦରଗଡ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହର ଓଡିଶା ମାନବାଧିକାର ଆୟୋଗଙ୍କ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆୟୋଗର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଶତ୍ରୁଘନ ପୂଜାରୀ ଅଧ୍ୟକ୍ଷତା କରି ୨୪ଟି ମାମଲାର ସମାଧାନ କରିଥିଲେ ।

## ଓଡ଼ିଶା ସେବା - ନବସୃଜନ

ଓଡ଼ିଶା ସେବା ପ୍ରଥମ ନବସୃଜନ ଆହ୍ୱାନ କାର୍ଯ୍ୟକ୍ରମ ଆଜି ଭୁବନେଶ୍ୱରଠାରେ ଶୁଭାରମ୍ଭ ହୋଇଯାଇଛି । ନବସୃଜନ ଓ ସୃଜନଶୀଳ ଚିନ୍ତାଧାରା ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଯୁବବର୍ଗ ଅଂଶଗ୍ରହଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ୨୧ଟି ପ୍ରମୁଖ ବିଷୟରେ ରାଜ୍ୟବ୍ୟାପୀ ପ୍ରତିଯୋଗିତା ଆୟୋଜିତ ହେବ । ରାଜ୍ୟସ୍ତରୀୟ ବିଜେତାମାନଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ । ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ସମେତ ରାଜ୍ୟ ଓ କେନ୍ଦ୍ରୀୟ ଅନୁଷ୍ଠାନ, ଆଇ.ଟି.ଆଇ. ଏବଂ ପଲିଟେକ୍‌ନିକ୍ ଛାତ୍ରଛାତ୍ରୀମାନେ ନିଜର ନବସୃଜନ ପ୍ରତିଭା ପ୍ରଦର୍ଶନ କରିପାରିବେ । ଷ୍ଟାର୍ଟଅପ୍ ଓ ଏମ୍.ଏସ୍.ଏମ୍.ଇ. ଉଦ୍ୟୋଗୀ, କୁଶଳୀ ଓ ଅର୍ଦ୍ଧକୁଶଳୀ ଯୁବପିଢ଼ି, ନିଯୁକ୍ତି ଆଶାୟୀମାନେ ମଧ୍ୟ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଛି । କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ ।

## ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ଆଶ୍ୱିନ କୃଷ୍ଣ ଚତୁର୍ଥୀ ତିଥିରେ ଶ୍ରୀଜୀଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି । ଦ୍ୱିତୀୟ ଭୋଗମଣ୍ଡପ ନୀତି ପରେ ଠାକୁରଙ୍କର ବନକଲାଗି କରାଯାଉଛି । ଏହା ଏକ ଗୁପ୍ତନୀତି

ହୋଇଥିବାରୁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ  ପ୍ରାୟ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିବା ନେଇ ମନ୍ଦିର ପ୍ରଶାସନ ପକ୍ଷର ସୂଚନା ଦିଆଯାଇଛି ।

## ଶ୍ରୀଅଙ୍ଗ ଶୃଙ୍ଗାର ନୀତି

ଆଶ୍ୱିନ ମାସ କୃଷ୍ଣପକ୍ଷ ଚତୁର୍ଥୀ ତିଥିରେ ଆଜି କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀବଳଦେବ ଜୀଉଙ୍କର ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେଉଛି । ଏହି ଦେବନୀତି ପାଇଁ ଜୟମଙ୍ଗଳା ଆରତୀ ପରେ ସକାଳ ୭ଟାରୁ ଅପରାହ୍ନ ୧୧ଟା ପର୍ଯ୍ୟନ୍ତ ସାଧାରଣ ଭକ୍ତଙ୍କ ପାଇଁ ଦେବଦର୍ଶନ ବନ୍ଦ ରହିଥିଲା ।

## ହିନ୍ଦୀ ପକ୍ଷ ଉଦ୍‌ଯାପିତ

ଆକାଶବାଣୀ କଟକ କେନ୍ଦ୍ର ପରିସରରେ ଆଜି ହିନ୍ଦୀପକ୍ଷର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରର ମୁଖ୍ୟ ଯଶୋଦାନନ୍ଦନ ହିନ୍ଦୀ  ଭାଷାର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱ ଦେଇଛନ୍ତି । ହିନ୍ଦୀ କେବଳ ଗୋଟିଏ ଭାଷା ନୁହେଁ ବରଂ ଲୋକଙ୍କ ଭାବନା ସହ ଜଡିତ ବୋଲି ସେ କହିଛନ୍ତି । ମୁଖ୍ୟ ଅତିଥିଭାବେ ଯୋଗଦେଇ ସଂସ୍ଥାନର ପୂର୍ବତନ ହିନ୍ଦୀ ଅଧିକାରୀ ସୁରେନ୍ଦ୍ରନାଥ ସାମଲ ହିନ୍ଦୀ ଭାଷା ସହ ମାତୃଭାଷାର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା

ନବରଙ୍ଗପୁର ସହରସ୍ଥିତ ମିଶନ ଶକ୍ତି ସଭାଗୃହ ପରିସରରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଯାତ୍ରାକୁ ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ ଶୁଭାରମ୍ଭ କରିଛନ୍ତି । ଜିଲ୍ଲାରେ ୧୪୮ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା ଓ ବାରଣାସୀ ଅଭିମୁଖେ ଯାତ୍ରା କରିଛନ୍ତି ।

## ଶିକ୍ଷକ ଯୋଗ୍ୟତା ପରୀକ୍ଷା

ନୂଆପଡା ଜିଲ୍ଲାରେ ଓଡିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା ଅନୁଷ୍ଠିତ ହୋଇଛି । ପରୀକ୍ଷାକୁ ସୁଚାରରୂପେ ପରିଚାଳନା କରିବା ପାଇଁ ଜିଲ୍ଲାପାଳ ମଧୁସୂଦନ ଦାସ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ୭ଟି ପରୀକ୍ଷା କେନ୍ଦ୍ରରେ ୧ହଜାର ୩୫୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି ।

## ପଥପ୍ରାନ୍ତ ନାଟକ

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚାଲିଥିବା ସେବାପକ୍ଷ ଅଭିଯାନ ଉଦ୍ଦେଶ୍ୟରେ ପଥପ୍ରାନ୍ତ ନାଟକ ଓ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କର ବିଭିନ୍ନ ପ୍ରଗତିମୂଳକ ଯୋଜନା ଉପରେ ଛାତ୍ରଛାତ୍ରୀମାନେ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ ।

## ପାଣିପାଗ

ଉତ୍ତର ଆଣ୍ଡାମାନ ସାଗର ଓ ପାର୍ଶ୍ୱବର୍ତ୍ତୀ ମ୍ୟାଁମାର ଉପକୂଳରେ ସୃଷ୍ଟ ଗଭୀର ଅବପାତ ଦୁର୍ବଳ ହୋଇ ଅବପାତରେ ପରିଣତ ହୋଇଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର,

କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

ରାଜ୍ୟରେ ବର୍ଷାଜନିତ ବନ୍ୟା ପରିସ୍ଥିତିରେ ସୁଧାର ଆସିବାରେ ଲାଗିଛି । ପ୍ରଭାବିତ ଅଞ୍ଚଳଗୁଡ଼ିକୁ ପର୍ଯ୍ୟାୟକ୍ରମେ ସହାୟତା ପ୍ରଦାନ କରାଯାଉଛି । ଚୂଡ଼ାନ୍ତ ରିପୋର୍ଟ ହସ୍ତଗତ ହେବାର ୨୪ଘଣ୍ଟା ପୂର୍ବରୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।  ଚଳିତ ମୌସୁମୀ ଋତୁରେ ରାଜ୍ୟରେ ୧୪୮୪ଦଶମିକ ୩ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଯାହା ସ୍ୱାଭାବିକ ବର୍ଷା ୧୧୫୦ଦଶମିକ ୨ମିଲିମିଟର ତୁଳନାରେ ୨୯ପ୍ରତିଶତ ଅଧିକ । ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ୧୯୦୭ ମିଲିମିଟର ଓ ଗଜପତି ଜିଲ୍ଲାରେ ସର୍ବନିମ୍ନ ୮୯୬ଦଶମିକ ୭ମିଲିମିଟର ବର୍ଷା ରେକର୍ଡ ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।